## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ପରଜଙ୍ଗ,୬।୫(ଡି.ଏନ.ଏ.): ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ନୂଆ କୁଆଲୋ ଗ୍ରାମର ହନୁମାନ ମନ୍ଦିର ପଛପାଖ ପୋଖରୀରେ ବୁଡ଼ି ଶନିବାର ସେହି ଗ୍ରାମର ଡାକ୍ତର ସାହୁ (୬୮)ଙ୍କ ମୃତ୍ୟୁ ଘଟିଛି। ଡାକ୍ତର ଗାଧୋଇବା ପାଇଁ ପୋଖରୀକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ ସହ ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପରଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସାତମାଇଲ,୬।୫(ଡି.ଏନ.ଏ.): ହିନ୍ଦୋଳ ଉପଖଣ୍ଡ ଚିତଲପୁର ପଞ୍ଚାୟତ ପଞ୍ଚପଡା ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଗ୍ରାମର ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। କର୍ତ୍ତା ଭାବେ ରଞ୍ଜନ କୁମାର ନାଥ ଏବଂ ଆଚାର୍ଯ୍ୟ ଭାବେ ପଣ୍ଡିତ ନିରୋଜ କୁମାର ଦାଶ କାର୍ଯ୍ୟ ସମ୍ପାଦନା କରିଥିଲେ। ୩୫ ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। ଶନିବାର ଏକ ବିଶାଳ ଶୋଭାଯାତ୍ରାରେ ନନ୍ଦ, ଯଶୋଦା, ଗୋପୀ ଗୋପାଳ, ରାଧାକୃଷ୍ଣ ବେଶଧାରୀମାନେ ରାଧାକୃଷ୍ଣଙ୍କ ବିମାନ ସହ ନଗର ପରିକ୍ରମା କରିଥିଲେ। ଅଷ୍ଟପ୍ରହର କମିଟି ତରଫରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଚିନ୍ତା ବଢ଼ାଇଛି ସେକ୍ସ ର୍‍ୟାକେଟ, ନିଶା କାରବାର

### କୋଲକାତାରୁ ଢେଙ୍କାନାଳକୁ ଲମ୍ୱିଛି ଚେର

ଢେଙ୍କାନାଳ ଅଫିସ,୬।୫

ଢେଙ୍କାନାଳ ସହରରେ ସେକ୍ସ ର୍‍ୟାକେଟ୍ ସହିତ ବ୍ରାଉନ ସୁଗାର ଓ ଗଞ୍ଜେଇ କାରବାର ବୃଦ୍ଧି ପାଉଥିବାରୁ ପୋଲିସର ଚିନ୍ତା ବଢିଯାଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ସହରରୁ ୨ଟି ସେକ୍ସ ର୍‍ୟାକେଟ ଧରାପଡ଼ିଥିବା ଓ ଏଥିରେ ବଙ୍ଗୀୟ ଯୁବତୀ ସାମିଲ ଥିବା ଜଣାପଡ଼ିବା ପରେ ଏହି ର୍‍ୟାକେଟର ଚେର ଢେଙ୍କାନାଳରୁ କୋଲକାତା ଯାଏ ଲମ୍ୱିଥିବା କୁହାଯାଉଛି। ସେହିପରି ବାହାରୁ ବିପୁଳ ପରିମାଣର ଗଞ୍ଜେଇ ଆଣି ସହରର ମହିଷାପାଟ ଅଞ୍ଚଳରେ ରଖାଯାଇ ୬ଟି ରାଜ୍ୟକୁ ଚୋରାଚାଲାଣ କରାଯିବା ଏବଂ ସହରର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ ବୃଦ୍ଧି ପାଉଥିବାରୁ ପୋଲିସର ମୁଣ୍ଡବ୍ୟଥା ବଢ଼ିଯାଇଛି।

ଶାନ୍ତିର ସହର ଢେଙ୍କାନାଳରେ ସେକ୍ସ ର୍‍ୟାକେଟ୍ ଓ ନିଶା କାରବାର ବୃଦ୍ଧି ପାଉଥିବା ଯୋଗୁ ଏଠାରେ ଧୀରେ ଧୀରେ ଅଶାନ୍ତର ବାତାବରଣ ଦେଖିବାକୁ ମିଳୁଛି। ସହରର ଯୁବପିଢ଼ି ଯେ ପଥଭ୍ରଷ୍ଟ ହେଉଛନ୍ତି ଏସବୁ ଘଟଣା ତାହାର ପ୍ରମାଣ ଦେଉଥିବା କୁହାଯାଉଛି। ସହରର କାଲଟାକ୍ସ ଏବଂ ଆନନ୍ଦନଗର କାଠଗଡା ଅଞ୍ଚଳରୁ ୨ ସପ୍ତାହ ମଧ୍ୟରେ ୨ଟି ସେକ୍ସ ର୍‍ୟାକେଟକୁ ପୋଲିସ ଠାବ କରିଥିଲା। ଏହି ଘଟଣାରେ ୪ଜଣ ଯୁବକ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ଉଦ୍ଧାର ବଙ୍ଗୀୟ ଯୁବତୀଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିଲା। ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ଯେ, ସହର ମଧ୍ୟଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥ କଡ଼ରେ ବିଭିନ୍ନ ସ୍ଥାନରେ ଦଲାଲଙ୍କ ମଧ୍ୟସ୍ଥତାରେ ସେକ୍ସ ର୍‍ୟାକେଟ୍ ଚାଲୁଛି। ଏଥିପାଇଁ ସନ୍ଧ୍ୟାପରେ ଜାତୀୟ ରାଜପଥ ପାର୍ଶ୍ୱକୁ ବିଭିନ୍ନ ଗାଡିରେ ଗ୍ରାହକ ଆସୁଥିବା ପୋଲିସ ନିକଟରେ ଖବର ରହିଛି। ଏପରିକି କେତେକ ସ୍ଥାନରେ ଅନ୍‌ଲାଇନ ମାଧ୍ୟମରେ ଯୋଗାଯୋଗ କରାଯାଉଛି। ଜଣେ ଯୁବତୀଙ୍କ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଗ୍ରାହକମାନଙ୍କ ଠାରୁ ନିଆଯାଉଛି। ବିଶେଷକରି କଳକାରଖାନା ଥିବା ଅଞ୍ଚଳରେ ଏହି କାରବାର ଅଧିକ ମାତ୍ରାରେ ହେଉଥିବା ନଜର ରହିଛି।



ଢେଙ୍କାନାଳ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ।

ସେହିପରି ସନ୍ଧ୍ୟା ହେଲେ ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ନିଶା କାରବାର ହେଉଛି। ବାଇକ୍ ଓ କାର୍‌ରେ ଆସୁଥିବା ଅନେକ ଯୁବକ ଗଞ୍ଜେଇଭରା ସିଗାରେଟ୍ ସହିତ ବ୍ରାଉନସୁଗାର ସେବନ କରୁଥିବା ଦେଖାଯାଉଛି। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ସେକ୍ସ ର୍‍ୟାକେଟ ଭଳି ଅପରାଧକୁ ରୋକିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଖୁବ୍ କମଦିନ ଭିତରେ ଆଉକିଛି ଘଟଣାର ପର୍ଦ୍ଦାଫାଶ ହେବ। ସହର ଓ ଜିଲାର ବିଭିନ୍ନ ଅଞ୍ଚଳରେ ଏଭଳି ଅପରାଧକୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି। ବ୍ରାଉନସୁଗାର ଓ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ମଧ୍ୟ ପୋଲିସ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି।

### ନାବାଳିକାଙ୍କୁ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଢେଙ୍କାନାଳ ଅଫିସ,୬।୫

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ୨୦୨୦ ମସିହାରେ ଘଟିଥିବା ଜଣେ ନାବାଳିକାଙ୍କ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତର ବିଚାରପତି ସୂର୍ଯ୍ୟମଣି ମହାପାତ୍ର ମାମଲାର ଅଭିଯୁକ୍ତ ନିର୍ମଳ ମହାରଣାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନିର୍ମଳ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ନାବାଳିକା ଏ ସମ୍ପର୍କରେ ପରିବାରବର୍ଗଙ୍କୁ ଜଣାଇବା ପରେ କାମାକ୍ଷାନଗର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୪୩୧/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତର ବିଚାରପତି ଏହି ସ୍ପେଶାଲ ପକ୍‌ସୋ କେସ୍ ନଂ. ୧/୨୧ର ବିଚାର କରି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ବିଚାରକୁ ନେଇ ଅଭିଯୁକ୍ତ ନିର୍ମଳଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୩ ମାସ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପକ୍‌ସୋ ଦିଲୀପ କୁମାର ମଲ୍ଲିକ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜାହିର ମହମ୍ମଦ ପରିଚାଳନା କରିଥିଲେ।

# ପାଣିପାଗ ଗବେଷଣାରେ ଶୈକ୍ଷିକ ଉତ୍କର୍ଷ ହାସଲ ଲକ୍ଷ୍ୟ

### ଆଇଜିଆଇଟି ସରାଙ୍ଗ ଏବଂ ଆଇଏମ୍‌ଡି ନୂଆଦିଲ୍ଲୀ ମଧ୍ୟରେ ଏମ୍‌ଓୟୁ

ପରଜଙ୍ଗ,୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଆଇଜିଆଇଟି ଓ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ନୂଆଦିଲ୍ଲୀ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ପାଣିପାଗ କ୍ଷେତ୍ର ଉପରେ ଗବେଷଣା, ବିଭିନ୍ନ ଏକାଡେମିକ କାର୍ଯ୍ୟକଳାପ ଏବଂ ପାଣିପାଗ ବିଜ୍ଞାନ, ଜଳବାୟୁ ମଡେଲିଂ କ୍ଷେତ୍ରରେ ଶୈକ୍ଷିକ ଉତ୍କର୍ଷ ହାସଲ ପାଇଁ ଏହି ଏମ୍‌ଓୟୁ କରାଯାଇଛି। ପାଣିପାଗ ବିଜ୍ଞାନ, ଜଳବାୟୁ ଓ ପରିବେଶ ବିଜ୍ଞାନ କ୍ଷେତ୍ରରେ ମିଳିତ ଗବେଷଣା, ଦକ୍ଷତା ବୃଦ୍ଧି, କ୍ଷେତ୍ର ଅଧ୍ୟୟନ, ପରାମର୍ଶ ପ୍ରକଳ୍ପର ଯୋଜନା ଏବଂ କାର୍ଯ୍ୟାନ୍ୱୟନ କରିବା, ପରିବେଶ କ୍ଷେତ୍ର ପ୍ରସଙ୍ଗ ଉପରେ ସମ୍ମିଳନୀ ଆୟୋଜନ କରିବା, ପରିବେଶ କ୍ଷେତ୍ରରେ ଭୂ-ସ୍ଥାନିକ ପ୍ରଯୁକ୍ତି ଭଳି ଉଦୀୟମାନ ପ୍ରଯୁକ୍ତି ଉପଯୋଗର ମିଳିତ ଭାବେ ଅନ୍ୱେଷଣ କରିବା, ଭାରତୀୟ ପାଣିପାଗ ବିଭାଗ ସହିତ ଛାତ୍ରୀଛାତ୍ରଙ୍କ ଗବେଷଣା ପ୍ରକଳ୍ପ/ପ୍ରବନ୍ଧ କାର୍ଯ୍ୟର ମିଳିତ ତଦାରଖ କରିବା, ପରିବେଶ ସମ୍ବନ୍ଧୀୟ କ୍ଷେତ୍ରରେ ସିଡିଏମ୍‌ଏସ୍ ଅଧ୍ୟାପକଙ୍କ ସହ ସହ-ଗାଇଡ ଭାବେ କାର୍ଯ୍ୟ କରିବା ପାଇଁ ଏହି ଏମ୍‌ଓୟୁ କରାଯାଇଥିବା ସୂଚନା ମିଳିଛି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ପାଣିପାଗ କେନ୍ଦ୍ର ଓ ବାତ୍ୟା ସତର୍କୀକରଣ କେନ୍ଦ୍ରର ମୁଖ୍ୟ ଡ. ଏଚ୍.ଆର୍. ବିଶ୍ୱାସ ଯୋଗ ଦେଇଥିଲେ। ପ୍ରଫେସର ଡ. ସତ୍ୟବ୍ରତ ମହନ୍ତ, ଆଇଜିଆଇଟି ନିର୍ଦ୍ଦେଶକ ଏବଂ ଅନ୍ୟ ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ପ୍ରଫେସର ଡ. ଶ୍ରୀନିବାସ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଆଇଏମ୍‌ଡି ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନେ।

# ହରିହାଟ ମହୋତ୍ସବ ଉଦ୍‌ଘାଟିତ

ସାତମାଇଲ,୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ସର୍ବପୁରାତନ ହରିହାଟ ମହାମେଳା ଏବଂ ହରିହାଟ ମହୋତ୍ସବ ମେଳା ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଶ୍ରୀ ରାଧା ମାଧବଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ବସାଇ ନଗର ପରିକ୍ରମା କରାଯିବା ପରେ ମେଳା ମଣ୍ଡପରେ ସ୍ଥାନିତ କରାଯାଇଥିଲା। ଅତ୍ୟାଧୁନିକ ରଙ୍ଗମଞ୍ଚ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ମେଳା ପଡିଆ ଝଲସୁଛି। କୃଷି, ଉଦ୍ୟାନ କୃଷି, ମହିଳା ଓ ଶିଶୁ ବିକାଶ ବିଭାଗ, ହସ୍ତତନ୍ତ ଓ ସମବାୟ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଛି। ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ର ଓ କଳିଙ୍ଗ ଡିଏଭି କଲେଜ ଅଧ୍ୟକ୍ଷା ମଧୁସ୍ମିତା ମହାପାତ୍ର, ହିନ୍ଦୋଳ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ ରବିବାର ପର୍ଯ୍ୟନ୍ତ ଚାଲିବ। ବହୁ ବିଶିଷ୍ଟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଥିବା ମହୋତ୍ସବ କମିଟି ସଭାପତି ପ୍ରଦୀପ କୁମାର ସାମନ୍ତ ସୂଚନା ଦେଇଛନ୍ତି। ସେହିଭଳି ରାଜ୍ୟର ବହୁ ସୁପ୍ରତିଷ୍ଠିତ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଏଥିରେ ଯୋଗଦେବେ ବୋଲି ଜଣାଯାଇଛି। କମିଟି ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ସମାଜ ସୁଧାରରେ ସହାୟକ ହୁଏ ପାଲା


ଜିଲାସ୍ତରୀୟ ପାଲା ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

### ଜିଲାସ୍ତରୀୟ ପାଲା ଗାୟକ ସମ୍ମିଳନୀ

କାମାକ୍ଷାନଗର,୬।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଖଟୁଆହତାଠାର ଜିଲାସ୍ତରୀୟ ପାଲା ଗାୟକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ନୂତନ ଭାବେ ନିର୍ମିତ ସଂଘ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଥିଲା। ସାଧୁ ସଦାନନ୍ଦ ଦାଶ ବ୍ରହ୍ମଚାରୀ ଉପସ୍ଥିତ ରହି ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଉଦୟ କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ ଶଙ୍କର ମହାପାତ୍ର, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେ, ସଂଘ ମୁଖ୍ୟ ଉପଦେଷ୍ଟା ଡା. ରାମଚନ୍ଦ୍ର ସାହୁ, ଶ୍ରୀ ବାଲାଜୀ ଇଞ୍ଜିକନ୍ସର ପରିଚାଳନା ନିର୍ଦ୍ଦେଶକ ସୁଶୀଲ ଅଗ୍ରୱାଲା ଯୋଗ ଦେଇଥିଲେ। ପାଲା ପରିବେଷଣ ଦ୍ୱାରା ସମାଜରେ ସୁଧାର ଆସିପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ପାଦକ ଡ. ଧର୍ମାନନ୍ଦ ପୃଷ୍ଟି ବୀବରଣୀ ପାଠ କରିଥିଲେ। ସଂଘର ଆଇନ ପରାମର୍ଶ ଦାତା ଶେଷରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ। ଗାୟକ ଉମେଶ ମହନ୍ତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୬୦ଟି ପାଲା ଦଳର କର୍ମକର୍ତ୍ତା ଓ କଳାକାର ଉପସ୍ଥିତ ଥିଲେ। ଉତ୍ସବରେ ସୁପ୍ରତିଷ୍ଠିତ ପାଲାଗାୟକ, ସାମାଜିକ କର୍ମୀ ଓ ପ୍ରତିଷ୍ଠିତ ପାଲା ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୋଲ ତଳକୁ ଗାଡ଼ି ଖସି ୨୦ ଆହତ

କାମାକ୍ଷାନଗର,୬।୫(ଡି.ଏନ.ଏ.)

ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟ ରାସ୍ତାର ରାମୀଆଳ ନଦୀ ମହୁଲପାଳ ନିକଟରେ ଶନିବାର ଏକ ଟାଟା ଏସିଇ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ କାମାକ୍ଷାନଗର ପୁରୁଣା ଆଳତୁମା ଗ୍ରାମର ୨୦ରୁ ଅଧିକ ପୁରୁଷ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଛୋଟ ପିଲା ଓ ୭ ଜଣ ମହିଳା ରହିଛନ୍ତି।

ଘଟଣାରୁ ଜଣାପଡ଼ିଛି, ପୁରୁଣା ଆଳତୁମା ଗ୍ରାମର କେତେଜଣ ମହିଳାପୁରୁଷ କୋଟଗରା ଗ୍ରାମରୁ ସଂକୀର୍ତ୍ତନ ସାରି ଶନିବାର ଭୋର୍ ସମୟରେ ଏକ ଟାଟା ଏସିଇ ଯୋଗେ ଫେରୁଥିବାବେଳେ ରାମୀଆଳ ନଦୀ ମହୁଲପାଳ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ପୋଲ ତଳକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ଆହତମାନେ ହେଲ ବାବୁଲା ପାତ୍ର, ବୀରେନ ପାତ୍ର, ବିଛନ୍ଦ ପାତ୍ର, ବବି ପାତ୍ର, ତ୍ରିନାଥ ବେହେରା, ଇନ୍ଦ୍ରମଣି ପାତ୍ର, ବୈଶାଖୀ ବେହେରା, ଯାତ୍ରା ବେହେରା, କବିତା ପାତ୍ର, କୁନି ପାତ୍ର, ହିଙ୍ଗୀରାମଣି ପାତ୍ର, ନୟନା ବେହେରା, ରଞ୍ଜିତା ପାତ୍ର, ରିଙ୍କୁ ପାତ୍ର, ସରୋଜ ପାତ୍ର ଏବଂ ଶୁଭମ ପାତ୍ର। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଓ ଦମକଳ ବାହିନୀ କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ଥିବାରୁ ସେମାନଙ୍କୁ ଢେଙ୍କାନାଳ ମେଡିକାଲ ସ୍ଥାନାନ୍ତର କରାଯାଇଛି।


ପୋଲ ତଳକୁ ଓଲଟି ପଡ଼ିଥିବା ଟାଟା ଏସିଇ।

# ୧୩ରେ ପାଳନ ହେବ ରବିଶଙ୍କରଙ୍କ ଜୟନ୍ତୀ

ଢେଙ୍କାନାଳ ଅଫିସ,୬।୫

ଢେଙ୍କାନାଳ ଜିଲା ଆର୍ଟ ଅଫ୍ ଲିଭିଂ କେନ୍ଦ୍ର ପକ୍ଷରୁ ଆସନ୍ତା ୧୩ ତାରିଖରେ ଶ୍ରୀଶ୍ରୀ ରବିଶଙ୍କରଙ୍କ ଜନ୍ମଦିବସ ପାଳନ କରାଯିବ। ଏଥି ନିମନ୍ତେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ପିପାର ଡିଭାଇନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ମୁଖ୍ୟ ପରିଚାଳକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଭ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମେ ୧୩ ତାରିଖ ସକାଳ ସାଢେ ୬ଟାରେ ଶ୍ରୀରାମ ମଣ୍ଡପରେ ସୁଦର୍ଶନ କ୍ରିୟା ଓ ସାଧନା, ସକାଳ ୯ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜିତ ହେବ। ସନ୍ଧ୍ୟା ସାଢେ ୬ଟାରେ ପ୍ରତିଷ୍ଠିତ ଗାୟିକା, ଗାୟକ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦିବ୍ୟ ସତ୍‌ସଙ୍ଗ ଆୟୋଜନ କରାଯିବ। ଏଥିସହିତ ଗଁଦିଆ, ଯୋରନ୍ଦା, ବାରଦା, ଜିରାଳ, କାମାକ୍ଷାନଗର, ରାସୋଳ, ଇନ୍ଦିପୁର ଏବଂ ଜିଲାର ବିଭିନ୍ନ ସ୍ଥାନରେ ଥିବା ଆର୍ଟ ଅଫ୍ ଲିଭିଂର ଶ୍ରଦ୍ଧାଳୁ ଏବଂ ଯୁବଶକ୍ତି ବିଭାଗ ଦ୍ୱାରା ଶ୍ରୀଶ୍ରୀ ରବିଶଙ୍କରଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରସ୍ତୁତି ବୈଠକରେ ଯୋଗଗୁରୁ କାମାକ୍ଷା ପ୍ରସାଦ ଲେଙ୍କା, ଜୟାଲକ୍ଷ୍ମୀ ରାଓ, ପ୍ରଳୟ ଦାସ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମହାନ୍ତି, କ୍ଷେତ୍ର ମୋହନ ସାହୁ, ଭାସ୍କର ରାଓ, ହୃଦାନନ୍ଦ ବେହେରା, ପ୍ରଦୀପ୍ତ ଭଟ, ହେମନ୍ତ ମହାନ୍ତି, ସସ୍ମିତା ମହାନ୍ତି, ପ୍ରଭାକର ବେହେରା, ସମରେନ୍ଦ୍ର ଶତପଥୀ, ମନୋରଞ୍ଜନ ଦାସ, ଚିତ୍ତରଞ୍ଜନ ସାହୁ, ରମେଶ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ନିଜସ୍ୱ ଜାଗାରେ ମଞ୍ଚ ଗଢ଼ିବାକୁ ଉଦ୍ୟମ ହେଉ

### ନୃତ୍ୟମ୍‌ର ୨୪ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ



କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଢେଙ୍କାନାଳ ଅଫିସ,୬।୫

ଢେଙ୍କାନାଳର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନୃତ୍ୟମ୍‌ର ୨୪ତମ ବାର୍ଷିକ ଉତ୍ସବ ଏବଂ ଅନୁଷ୍ଠାନ ପକ୍ଷରୁ ୩ୟ ନୃତ୍ୟ ମହୋତ୍ସବ ନୃତ୍ୟସାୟା ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ ଉତ୍ସବର ଶନିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ ଯେ, ସବୁବେଳେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜସ୍ୱ ଜାଗାରେ ମଞ୍ଚ ଓ ଘର ନିର୍ମାଣ କରି କାର୍ଯ୍ୟକ୍ରମ କରିବା ନିମନ୍ତେ ଅନୁଷ୍ଠାନମାନେ ଉଦ୍ୟମ କରନ୍ତୁ। ସମ୍ମାନିତ ଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଯୋଗଦେଇ କଳାକାରମାନେ କାହାକୁ ନକଲ ନ କରି ନିଜର ସ୍ୱତନ୍ତ୍ରତା ବଳରେ ନୃତ୍ୟ ସଙ୍ଗୀତ ପରିବେଷଣ କରି ନିଜ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ନିରଞ୍ଜନ ରାଉତ, ନୃତ୍ୟମ୍ ଅନୁଷ୍ଠାନ ଓ ଏହାର ପ୍ରତିଭାବାନ କଳାକାରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ମନୋରମା ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଉପଦେଷ୍ଟା ସୋନାଲି ସିଂ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଗ୍ରନ୍ଥକାର ଓ ଭାଷାବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ବିଶିଷ୍ଟ ନୃତ୍ୟଗୁରୁ ତଥା ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର ଓ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସଙ୍କୁ ନୃତ୍ୟସାୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହିକାର୍ଯ୍ୟକ୍ରମକୁ ମିଳନ ସଂଯୋଜନା କରିଥିଲେ।


ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ନୃତ୍ୟସାୟା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ମେ, ୨୦୨୩



## ସଂକ୍ଷେପରେ

### ବ୍ୟାଙ୍କ କର୍ମଚାରୀ ଗିରଫ

**ଛେଣ୍ଡିପଦା,୬।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଛକଠାରେ ଥିବା ଆଇସିଆଇସିଆଇ ବ୍ୟାଙ୍କରୁ ୧ କୋଟି ୮୫ ଲକ୍ଷରୁ ଅଧିକ ଟଙ୍କା ହଡପ ମାମଲାରେ ଶନିବାର ପୋଲିସ ବ୍ୟାଙ୍କର ଜଣେ ପୂର୍ବତନ କର୍ମଚରୀଙ୍କୁ ଝାରସୁଗୁଡ଼ାରୁ ଗିରଫ କରିଛି। ଗିରଫ ପୂର୍ବତନ କର୍ମଚାରୀ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଏରିନା ଗ୍ରାମର ସୁବାଶିଷ ରାଉତରାୟ। ପୋଲିସ କହିଛି, ବ୍ୟାଙ୍କରେ ୧ କୋଟି ୮୫ ଲକ୍ଷ ୫୦ ହଜାର ଟଙ୍କା ସଟେଜ ଥିବାରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ପୂର୍ବରୁ ଏଥିରେ ସମ୍ପୃକ୍ତ ଥିବା ଜଣେ କର୍ମଚାରୀଙ୍କୁ ଗିରଫ କରିଥିଲା। ଅଧିକ ତଦନ୍ତ ବେଳେ ଡେପୁଟି ମ୍ୟାନେଜର ଆକାଶ ଭାରତୀଙ୍କୁ ଗିରଫ କରାଯାଇଥିଲା। ଆକାଶଙ୍କ ସହ ସୁବାଶିଷଙ୍କ ଏଥିରେ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ଝାରସୁଗୁଡା ପୋଲିସ ସୁବାଶିଷଙ୍କୁ ଅଟକ ରଖି ଛେଣ୍ଡିପଦା ପୋଲିସକୁ ଖବର ଦେଇଥିଲା। ଛେଣ୍ଡିପଦା ପୋଲିସର ଏକ ଟିମ୍ ଝାରସୁଗୁଡା ଯାଇ ସୁବାଶିଷଙ୍କୁ ଗିରଫ କରି ଆଣିଥିବା ପୋଲିସ ପ୍ରକାଶ କରିଛି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୬।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମର ସୁଭାସିନୀ ସାହୁଙ୍କୁ ତାଙ୍କ ସ୍ୱାମୀ ବାସୁଦେବ ସାହୁ ଯୌତୁକ ନିର୍ଯାତନା ଦେଉଥିବା ଶୁକ୍ରବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୦୮/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସୁଭାସିନୀଙ୍କୁ କିଛି ବର୍ଷ ପୂର୍ବେ ବାସୁଦେବ ବିବାହ କରିଥିଲେ। ପ୍ରତ୍ୟେକ ଦିନ ତାଙ୍କୁ ଅଧିକ ଯୌତୁକ ଆଣିବା ପାଇଁ କହିବା ସହ ମାଡ଼ ମାରୁଥିବା ସୁଭାସିନୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ୩ ୱ୍ାରେଣ୍ଟି ଗିରଫ

**ବଅଁରପାଳ,୬।୫(ଡି.ଏନ.ଏ.):** ବଅଁରପାଳ ଥାନା ପୋଲିସ ଶନିବାର ୩ ଜଣ ୱ୍ାରେଣ୍ଟିଙ୍କୁ ଗିରଫ କରିଛି। ସେମାନେ ହେଲେ ବଅଁରପାଳ ଥାନା ଶୁଖୁଆସାହିର ପପୁ ନାଏକ, ବୁଢାପଙ୍କ ଗ୍ରାମର ସ୍ୱାଧୀନ ମହାନ୍ତି ଏବଂ ବଅଁରପାଳର କୃପାସିନ୍ଧୁ ନାଏକ। ସେମାନଙ୍କ ନାମରେ ପୂର୍ବରୁ ମାମଲା ଥିବାବେଳେ ଦୀର୍ଘଦିନ ହେବ ଫେରାର ଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

**ଢେଙ୍କାନାଳ ଅଫିସ,୬।୫:** ଢେଙ୍କାନାଳ ଜିଲା ଗଁଦିଆ ଥାନା ବଣିଆ-ଶୋରିଷିଆପଦା ରାସ୍ତାରେ ଶୁକ୍ରବାର ଏକ ଗାଡି ଧକ୍କାରେ କଟକ ଜିଲା ଚୌଦ୍ୱାର ଥାନା ଗହଣ୍ଡା ଗ୍ରାମର ଅମର ଦେହୁରୀ(୨୦)ଙ୍କ ମୃତ୍ୟୁ ହୋଇଛି। ଅମର ବାଇକ୍‌ରେ ଆସୁଥିବା ବେଳେ ଏକ ଗାଡ଼ି ତାକୁ ଧକ୍କାଦେଇ ପଳାଇଥିଲା। ଖବରପାଇ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଶନିବାର ନଂ. ୧୩୦।୨୩ରେ ଏକ ମାମଲା ରୁଜୁ କରାଯାଇଛି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ପାଟଣା,୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ପାଟଣା ଥାନରେ ଲିଖିତ ଭାବେ ଜଣାଇଛନ୍ତି। ନାବାଳିକା ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ସକାଳେ ଢେଙ୍କାନାଳ ଅଞ୍ଚଳର ଜଣେ ଯୁବକ ବସ୍‌ରେ ଆସି ତାଙ୍କ ଝିଅଙ୍କୁ ଅପହରଣ କରିନେଇଛନ୍ତି। ଏ ନେଇ ପାଟଣା ଥାନାରେ (ନଂ.୭୨/୨୩) ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

- ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ଡାକ୍ତରୀ ଦଳ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ
- ଗଁଦିଆ ଓ ଭୁବନ ତଳି ଅଞ୍ଚଳରେ ଦେଶୀ ଡଙ୍ଗା ପ୍ରସ୍ତୁତ ରହିବ



ସମ୍ଭାବ୍ୟା ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୬।୫**

ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା ପାଇଁ ଶନିବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ଠାରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରବିବାର ଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜରୁରିକାଳୀନ ସୂଚନାପ୍ରାପ୍ତି ଓ ପ୍ରସ୍ତୁତି ନିମନ୍ତେ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ବୁଲାନ୍ସ ଓ ଆବଶ୍ୟକ ଔଷଧ ସହିତ ଡାକ୍ତରୀ ଦଳକୁ ପ୍ରସ୍ତୁତ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ପୂର୍ବରୁ ଚିହ୍ନଟ କରି ଆବଶ୍ୟକ ହେଲେ ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଛି। ଜିଲାର ବିଭିନ୍ନ ବ୍ଲକରେ ଥିବା ବହୁମୁଖୀ ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟଗୁଡିକୁ ଖୋଲା ରଖି ଆବଶ୍ୟକ ଶୁଖିଲା ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେହିପରି ବୃକ୍ଷଭାଙ୍ଗି ରାସ୍ତା ଅବରୋଧ ହେଲେ ଓଡ୍ରାଫ ଟିମ୍ ସହଯୋଗରେ ଯଥାଶୀଘ୍ର ରାସ୍ତା ସଫା ବ୍ୟବସ୍ଥା କରିବାକୁ ଅଗ୍ନିଶମ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଲେ ତୁରନ୍ତ ମରାମତି କରି ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ଉପରେ ଜିଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଗଁଦିଆ ଓ ଭୁବନର ତଳି ଅଞ୍ଚଳରେ ଦେଶୀ ଡଙ୍ଗା ପ୍ରସ୍ତୁତ ରଖିବାକୁ ବିଡିଓମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାରେ ଯେପରି କାହାରି ଧନଜୀବନ ନଷ୍ଟ ନ ହୁଏ ସେଥିପ୍ରତି ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ସଜାଗ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ, ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ, ଓସଡମା ଡିଆର୍‌ଆର୍ କନସଲଷ୍ଟାଣ୍ଟ ସଙ୍ଗୀତା ଦାସ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିକ୍ଷା ହିଁ ସମାଜକୁ ଉଚିତ ମାର୍ଗ ଦେଖାଏ

**ମାଧପୁର,୬।୫**

ଆଠମଲ୍ଲିକ ବ୍ଲକ ମାଧପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ଚିଦାନନ୍ଦ ହୋତା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମାଧପୁର ସରପଞ୍ଚ ସନ୍ତୋଷିନୀ ମହାଖୁଡ, ମୁଖ୍ୟବକ୍ତା ଭାବେ ଜୟନ୍ତ ଭାଇ ଯୋଗଦେଇ ଶିକ୍ଷା ହିଁ କେବଳ ସମାଜକୁ ଉଚିତ୍ ମାର୍ଗ ଦେଖାଇପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ କିଶୋର ଚନ୍ଦ୍ର କର୍ମୀ, ବିପିନ ବିହାରୀ ପ୍ରଧାନ, ରାମଚନ୍ଦ୍ର ମହାଖୁଡ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରିୟଦର୍ଶୀ ହୋତା ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ନେତ୍ରାନନ୍ଦ ନାଏକ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପୁରୋହିତ, ଶିକ୍ଷକ ଚତୁର୍ଭୁଜ ସେଠୀ, ଶିକ୍ଷୟିତ୍ରୀ କବିତା କର୍ମୀ, ସରିତା ମହାନ୍ତି, ସମିତା ଡାଙ୍ଗ, ନମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି ଫୋରମ ବୈଠକ

**କେନ୍ଦୁଝର,୬।୫(ସ୍ୱ.ପ୍ର.)**

ସ୍ଥାନୀୟ ସଂସ୍କୃତି ଭବନଠାରେ ସଦର ରେଞ୍ଜ ପକ୍ଷରୁ ରେଞ୍ଜସ୍ତରୀୟ ବନସୁରକ୍ଷା ସମିତି ଫୋରମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ରେଞ୍ଜ ଅଧିକାରୀ ବିଜୟ ମହାନ୍ତଙ୍କ ସଭାପତିତ୍ୱରେ ଅତିଥିଭାବରେ ଏସିଏଫ ଜିତେନ୍ଦ୍ର କୁମାର ବେହେରା, ସଦର ବ୍ଲକ୍ ଅଧ୍ୟକ୍ଷ ଜ୍ୟୋତିର୍ମୟ ନାୟକ, ଶଙ୍କିରି ସରପଞ୍ଚ ସଂଯୁକ୍ତା ନାଏକ ଓ ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣୀ ସିଂ ଯୋଗଦେଇ ବନ ସୁରକ୍ଷା ସମିତିର କାମକାର୍ଯ୍ୟ, ସେମାନଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସଦର ରେଞ୍ଜ ଅଧିକାରୀ ମହାନ୍ତ ହାତୀ ଦ୍ୱାରା ମୃତାହତଙ୍କ ପାଇଁ ସରକାର ବୃଦ୍ଧି କରିଥିବା ସହାୟତା ରାଶି ବିଷୟରେ ଅବଗତ କରାଇଥିଲେ। ମୃତ ପାଇଁ ଏବେ ଅନୁକମ୍ପା ରାଶି ୪ ରୁ ୬ ଲକ୍ଷ ବୃଦ୍ଧି କରାଯାଇଥିବା ବେଳେ ସାମାନ୍ୟ ଆହତମାନଙ୍କୁ (୬୦ ପ୍ରତିଶତରୁ କମ) ଦେଢ଼ ଲକ୍ଷ ଲକ୍ଷ ଟଙ୍କା ଏବଂ (୬୦ ପ୍ରତିଶତରୁ ଅଧିକ) ଆହତମାନଙ୍କୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ଥିବା ଅବଗତ କରାଇଥିଲେ। ସେହିପରି ହାତୀ ଉପଦ୍ରବ ଦ୍ୱାରା ଫସଲ ଓ ଘରବାଡ଼ି କ୍ଷତିର କ୍ଷତିପୂରଣ ବ୍ୟବସ୍ଥା ବିଷୟରେ ଅବଗତ କରିଥିଲେ। ଏହାଛଡ଼ା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲର ସୁରକ୍ଷା କରିବା ସହ ହାତୀ ଉପଦ୍ରବ ଓ ଏହାର ନିରାକରଣ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବନ ସୁରକ୍ଷା ସମିତିର ୧୧୬ ଜଣ ସଦସ୍ୟ ତଥା ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟାଉନ ଫରେଷ୍ଟର ପ୍ରଦୀପ ବାରିକ ପରିଚାଳନା କରିଥିଲେ। ଜଙ୍ଗିରା ଫରେଷ୍ଟର ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ମୁକ୍ତା ଯୋଜନାରେ ଅଧିକ ମହିଳା ସାମିଲ ହୁଅନ୍ତୁ’



**ଭୁବନ,୬।୫(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନ ଅନ୍ତର୍ଗତ ଉନ୍ନୟନ କାମର ସମୀକ୍ଷା କରିବା ପାଇଁ ଶନିବାର ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାର ଉପଦେଷ୍ଟା ମୀରା ପରିଡା ଦିନିକିଆ ଭୁବନ ଗସ୍ତରେ ଆସି ଏନ୍‌ଏସି ପରିଦର୍ଶନ କରିଛନ୍ତି। ଏନ୍‌ଏସି ସଭାଗୃହରେ ଭୁବନ ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମୀରାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ପରିଡ଼ା କହିଥିଲେ, ମା’ମାନେ ଆଗକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ବିଭିନ୍ନ ଠିକା କାର୍ଯ୍ୟ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ମହିଳାମାନେ ଏହି କାର୍ଯ୍ୟାଦେଶ ଦେଖାଇ ବ୍ୟାଙ୍କରୁ ବିନା ସୁଧରେ ଋଣ ପାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ସକ୍ଷମ ହୋଇପାରିଛନ୍ତି। ତେଣୁ ଅଧିକରୁ ଅଧିକ ମହିଳା ଏହି ମୁକ୍ତା ଯୋଜନାରେ ସାମିଲ ହୁଅନ୍ତୁ ବୋଲି ମୀରା ଆହ୍ୱାନ ଦେଇଥିଲେ। ପରେ ଉପଦେଷ୍ଟା ପରିଡ଼ା ମହିଳା ଗୋଷ୍ଠୀ ଦ୍ୱାରା ମୁକ୍ତାଯୋଜନାରେ ନିର୍ମାଣ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଦ୍ଧେଶ୍ୱର ଉଦ୍ୟାନ, ଖୋଲା ଜିମ୍ କେନ୍ଦ୍ର, ପାଦଚଲା ରାସ୍ତା ଓ ଅନ୍ୟାନ୍ୟ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ନିର୍ବାହୀ ଅଧିକାରୀ, ମୁକ୍ତା ଯୋଜନାର ସଂଯୋଜକ, ନଗରପାଳ, କାଉନସିଲର ପପୁ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଗାନ୍ଧିଜୀଙ୍କ ଭାଷଣ ଉପରେ ବିସ୍ତୃତ ଆଲୋଚନା

**ଅନୁଗୋଳ ଅଫିସ,୬।୫**



ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ଗ୍ରାମ ଆମ୍ବତୋଟାରେ ଶନିବାର ଗାନ୍ଧିଜୀଙ୍କ ଆଗମନର ୯୦ ତମ ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ରାଣୀଗୋଡାର ସଭାପତି ରମେଶ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ଭାବେ ଡ. ରମାମଞ୍ଜରୀ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ତଥା ଟ୍ରଷ୍ଟ ଆବାହକ ବିଶ୍ୱରଞ୍ଜନ ପ୍ରଧାନ, ଗବେଷକ ବିଭୁତି ଭୁଷଣ ସାହୁ ଯୋଗ ଦେଇଥିଲେ। ଉତ୍କଳ ସମ୍ମିଳନୀ ସଦସ୍ୟା ଲିପିକା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ଗଣ ସଭାରେ ଗାନ୍ଧିଜୀ ଦେଇଥିବା ଭାଷଣର ଓଡ଼ିଆ ଅନୁବାଦ ଓ ଉପସ୍ଥିତ ଜନତାଙ୍କ ଭାବାବେଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଅଂଶଗ୍ରହଣ କରି ତ୍ରେତାନନ୍ଦ ସାମନ୍ତ ଓ ପୁରୁଷୋତ୍ତମ ସିଂ ସାମନ୍ତ ସେଦିନର ଘଟିଥିବା ଘଟଣାବଳୀ ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଗାନ୍ଧୀ ଜୟନ୍ତୀ, ତିରୋଧାନ ଦିବସ ଓ ଆଗମନ ଦିବସ ପାଳନ କରିବାକୁ ସଭାରେ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂ ସାମନ୍ତ ସଂଯୋଜନା କରିଥିଲେ। ଉପସଭାପତି ପ୍ରଶାନ୍ତ ବିଶ୍ୱାଳ, କୋଷାଧ୍ୟକ୍ଷ ନୀର ସାହୁ, ଉପଦେଷ୍ଟା ଦାମୋଦର ଦାସ, ଅରୁଣ ଦାସ, ସରପଞ୍ଚ ପ୍ରକାଶ ଦେହୁରୀ, ସନ୍ତୋଷ ସାହୁ, ହେମନ୍ତ ଦାସ, ପ୍ରହ୍ଲାଦ ସାହୁ, ବାଇଚଣ୍ଡୀ ଦେହୁରୀ, ଜୟନ୍ତୀ ସାହୁ, ସୁମିତ୍ରା ବେହେରା, ସୁମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ପ୍ରଶାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀ: ଗଛ ପଡ଼ି ରାସ୍ତା ଅବରୋଧ, ଘର ଭାଙ୍ଗିଲା

**ବାରିକପୁର,୬।୫(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ହୋଇଛି। ଶରଦପୁର–ତାଳସିଠା ରାସ୍ତାର ଶରଦପୁର, ଭଗିବିନ୍ଧ, ସରିପୁର, ତାଳସିଠା ଆଦି ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବାରୁ ରାସ୍ତା ଅବରୋଧ ହୋଇଥିଲା। ଭଣ୍ଡାରିପୋଖରୀ ଦମକଳ ବାହିନୀ ପହଞ୍ଚି ପଡ଼ିଥିବା ଗଛ କାଟି ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ଝଡ଼ବର୍ଷାରେ ଶରଦପୁର ଗ୍ରାମର ଅମୂଲ୍ୟ ଦାସଙ୍କ ଘର ଉପରେ ଏକ ବିରାଟ ଗଛ ପଡ଼ି ଆଜବେଷ୍ଟସ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ତାର ଛିଣ୍ଡି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି।


ଏକ ଘର ଉପରୁ ଗଛ ହଟାଉଛନ୍ତି ଅଗ୍ନିଶମ କର୍ମଚାରୀ।

# ପୁନରୁଦ୍ଧାର ହେବ ବଡ଼ଛୁରୁଣୀ ଅମରା ମଠ

**ବୈଶିଙ୍ଗା,୬।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ତହସିଲ ତଥା ବୈଶିଙ୍ଗା ଥାନା ଅଧୀନ ବଡ଼ଛୁରୁଣୀ ଗ୍ରାମରେ ଥିବା ଶହେ ବର୍ଷର ପ୍ରାଚୀନ ଅମରା ମଠର ପୁନରୁଦ୍ଧାର କରାଯିବ। ନିକଟରେ ରାଜ୍ୟ ସରକାର ଜିଲାରେ ଥିବା ବିଭିନ୍ନ ମଠ ମନ୍ଦିର ଉନ୍ନତିକରଣ ନିମନ୍ତେ ୧୦ କୋଟି ମଞ୍ଜୁର କରିଛନ୍ତି। ଏଥି ମଧ୍ୟରେ ଅମରା ମଠ ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ବ୍ୟୟ ବରାଦ ହୋଇଛି। ଏହାକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ମଠରେ ପ୍ରବଚନ ଓ ନାମ ସଂକୀର୍ତ୍ତନ ଆଦି ଆୟୋଜନ ହୋଇଥିଲା।

ପ୍ରକାଶ ଯେ, ମୟୂରଭଞ୍ଜ ରାଜ ପରିବାର ଦ୍ୱାରା ମଠ ପ୍ରତିଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ କେଶରୀପୁର ମୌଜାର ନନ୍ଦ ଗୋସ୍ୱାମୀ ପରିବାର ପକ୍ଷରୁ ପୁରୁଷାନୁକ୍ରମିକ ମଠର ମହନ୍ତ ଗାଦିରେ ଅଭିଷିକ୍ତ ହୋଇ ସେବାପୂଜା ସହିତ ନୀତିକାନ୍ତି, ପର୍ବପର୍ବାଣୀ ଆଦି ସମ୍ପାଦନ କରିଆସୁଥିଲେ। ପରବର୍ତ୍ତୀ ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଇଥିଲା। ଆର୍ଥିକ ଦୂରାବସ୍ଥା ଯୋଗୁ ମଠର ସେବାପୂଜା, ରକ୍ଷଣାବେକ୍ଷଣ କାର୍ଯ୍ୟ ହୋଇ ନ ପାରି ଅଚଳାବସ୍ଥାରେ ପହଞ୍ଚିଥିବା ବେଳେ ସେବାପୂଜାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଟ୍ରଷ୍ଟ ପକ୍ଷରୁ ରମାକାନ୍ତ ଗୋଚ୍ଛାୟତ, ଗିରିଶ ଚନ୍ଦ୍ର ବିଶ୍ୱାଳ, କମଳାକାନ୍ତ ମଲ୍ଲିକ, ବସନ୍ତ ଖୁଣ୍ଟିଆ, ମନୋରଞ୍ଜନ ଖଟୁଆ, ରମାକାନ୍ତ ଜେନା, ଭବେଶ ଚନ୍ଦ୍ର ବେହେରା, ତରଣୀସେନ ନାଏକ, ଦୀନବନ୍ଧୁ ନାୟକ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମନଜିଣିଲା ଆତସବାଜି, ସାଂସ୍କୃତିକ କାର୍ଯ୍ୟକ୍ରମ

## ବାଗଡ଼ିଆ, ଖମାରରେ ଚନ୍ଦନଯାତ୍ରା

**ଛେଣ୍ଡିପଦା,୬।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବାଗଡ଼ିଆ, ଖମାର ଗ୍ରାମରେ ଶୁକ୍ରବାର ଧୁମ୍‌ଧାମରେ ଚନ୍ଦନଯାତ୍ରା ଓ ଚାପଖେଳ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ପରମ୍ପରା ଅନୁଯାୟୀ ଏହା ପାଳିତ ହୋଇଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଏକ ମାସ ପୂର୍ବରୁ ପ୍ରସ୍ତୁତି କରାଯାଇଥିଲା। ଉଭୟ ଗ୍ରାମର ସାହବାସୀଙ୍କ ଦ୍ୱାରା ପ୍ରସ୍ତୁତ କାଗଜ ଫୁଲ, ପଶୁପକ୍ଷୀ ଓ ବୃକ୍ଷଲତା ଆଦି ଜନସାଧାରଣଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ବିଭିନ୍ନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟେକ ସାହିରୁ ତୋରଣ ଓ କାରୁକାର୍ଯ୍ୟକୁ ବିରାଟ ପଟୁଆରରେ ଯାତ୍ରା ପଡିଆକୁ ଅଣାଯାଇଥିଲା। ବିଭିନ୍ନ ପ୍ରକାର ଆତସବାଜୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିନେଇଥିଲା। ପାଗ ଅନୁକୂଳ ଥିବାରୁ ଚନ୍ଦରଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବାଗଡିଆ ଗ୍ରାମ ରାଧାକୃଷ୍ଣ ମନ୍ଦିରରୁ ଦେବଦେବୀଙ୍କୁ ଦୋଳିରେ ନିଆଯାଇ ଗ୍ରାମ ପରିକ୍ରମା ପରେ ବସ୍ତ୍ରାଣ୍ଡ ପଡିଆରେ ଏକତ୍ରିତ କରାଯାଇଥିଲା। ଏହାପରେ ମେଡିକାଲ ପାଖ ଦୋଳ ବନ୍ଧରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ବେହେରା ଓ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ପରିଚାଳନା ହୋଇଥିଲା। ସେହିପରି ଖମାର ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକଙ୍କ ସଭାପତିତ୍ୱରେ ଖମାର ଗ୍ରାମରେ ଏହି ଯାତ୍ରା ସମ୍ପନ୍ନ ହୋଇଥିଲା। ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳିରେ ନିଆଯାଇ ଗ୍ରାମ ପରିକ୍ରମା ପରେ ଚନ୍ଦନ ପଡିଆରେ ଏକତ୍ରିତ କରାଯାଇ ମନ୍ଦିର ବନ୍ଧରେ ଚାପ ଖେଳାଯାଇଥିଲା। ଗ୍ରାମ ସମ୍ପାଦକ, ଅନ୍ୟ କର୍ମକର୍ତ୍ତା, ଗ୍ରାମ ବେହେରା ବୃନ୍ଦ ଓ ଗ୍ରାମବାସୀଙ୍କ ସହଯୋଗ କରିଥିଲେ। ଉଭୟ ଗ୍ରାମରେ ଏଥିପାଇଁ ଅସ୍ଥାୟୀ ଦୋକାନ ଓ ମୀନା ବଜାର ଖୋଲାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଯାତ୍ରା କମିଟି, ଛେଣ୍ଡିପଦା ଓ ବାଗଡିଆ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।



# ସଚେତନ ନ ହେଲେ ଆକାଉଣ୍ଟ ସଫା

- ନୂଆ ନୂଆ ଉପାୟରେ ଲୁଟୁଛନ୍ତି ସାଇବର ଠକ
- ଅନୁଗୋଳରେ ବଢ଼ୁଛି ସାଇବର କ୍ରାଇମ ଅଭିଯୋଗ
- ୪ ମାସରେ ଲୁଟିଲେଣି ପ୍ରାୟ ୧୫ ଲକ୍ଷ ଟଙ୍କା



**ଅନୁଗୋଳ ଅଫିସ, ୬।୫**

ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଲୁଟିବାକୁ ନୂଆ ନୂଆ ଉପାୟ କରୁଛନ୍ତି ସାଇବର ଠକ। କେତେବେଳେ କ୍ରେଡିଟ୍ କାର୍ଡ ବ୍ଲକ ହୋଇଯାଇଛି କହି ଆକାଉଣ୍ଟଧାରୀଙ୍କ ଠାରୁ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ହାସଲ କରୁଛନ୍ତି ତ ଆଉ କେବେ ସିମ୍ ଅପଡେଟ୍, ଲଟେରି ଜିତିଥିବା, ଦାମୀ ସାମଗ୍ରୀ କୋରିଅରରେ ଆସିଥିବା, ରାତାରାତି ଲକ୍ଷପତି କରିଦେବାର ଲୋଭ ଦେଖାଇ ଲୋକଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଚଳୁ କରିଦେଉଛନ୍ତି। ଅନୁଗୋଳ ଜିଲାରେ ଏପରି ସାଇବର ଠକେଇ ଅଭିଯୋଗ ବଢ଼ିଚାଲିଥିବା ବେଳେ ଗତ ୪ ମାସ ମଧ୍ୟରେ ୮ ଜଣ ଏହି ଅପରାଧର ଶିକାର ହୋଇ ପ୍ରାୟ ୧୫ ଲକ୍ଷ ଟଙ୍କା ହରାଇଛନ୍ତି। ଆହୁରି ଅନେକେ ଏପରି ଲୁଟେରାଙ୍କ ହାବୁଡ଼ରେ ପଡ଼ିଥିଲେ ମଧ୍ୟ ସାମାଜିକ ସମ୍ମାନ ହ୍ରାସ ଭୟରେ ଅଭିଯୋଗ କରିବାକୁ ଉଚିତ ମଣୁ ନ ଥିବା କୁହାଯାଉଛି। ସାଇବର ଠକମାନେ ଏତେ ଚତୁରତାର ସହ କଥା ହେଉଛନ୍ତି ଯେ ଉଚ୍ଚ ଶିକ୍ଷିତମାନେ ମଧ୍ୟ ଅବିଶ୍ୱାସ କରିପାରୁନାହାନ୍ତି। ତେଣୁ ସଚେତନ ନ ରହିଲେ ସାଇବର ଲୁଟେରାମାନେ ଆକାଉଣ୍ଟ ସଫା କରିଦେବେ ବୋଲି ସାଇବର ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି।

୧୨ ଜାନୁୟାରୀ ୨୦୨୩ରେ ସାଇବର ଠକଙ୍କ ହାବୁଡ଼ରେ ପଡ଼ି ୧ ଲକ୍ଷ ୫୬ ହଜାର ଟଙ୍କା ହରାଇଥିଲେ ଅନୁଗୋଳ ହୁଲୁରିସିଂହାରେ ରହୁଥିବା କୁକୁଡ଼ା କମ୍ପାନୀ ମ୍ୟାନେଜର ଗୁରୁ ଚରଣ ରାଉତ। କ୍ରେଡିଟ୍ କାର୍ଡ କଷ୍ଟମର କେୟାର ପରିଚୟ ଦେଇ ସାଇବର ଠକ ୩ଟି ପର୍ଯ୍ୟାୟରେ ତାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ସେହିପରି ଫେବୃୟାରୀ ୧୯ରେ ୪୨ ହଜାର ଟଙ୍କା ହରାଇଥିଲେ ଶିକ୍ଷକପଡ଼ାର ସାର୍ଥକ ସୁନ୍ଦର ପଣ୍ଡା। ଏକ ସଂସ୍ଥାରେ ଅର୍ଥ ଲଗାଇଲେ ଅଧିକ ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଇ ଠକ ଜଣକ ତାଙ୍କ ଆକାଉଣ୍ଟ ଖାଲି କରିଦେଇଥିଲେ। ଫେବୃୟାରୀ ୨୪ରେ ସାଇବର ଲୁଟେରାଙ୍କ ହାବୁଡ଼ରେ ପଡ଼ିଥିଲେ କୋଲିୟାରୀ ଥାନା ସାଉଥ ବଲଣ୍ଡା ଅଞ୍ଚଳରେ ରହୁଥିବା ଝାଡ଼ଖଣ୍ଡର ଜୟହୁଲ୍ ହକ୍। କ୍ରେଡିଟ୍ କାର୍ଡ ଅଧିକାରୀ ପରିଚୟ ଦେଇ ସାଇବର ଲୁଟେରା ତାଙ୍କ କ୍ରେଡିଟ୍ କାର୍ଡରୁ ୯୭ ହଜାର ୬୯୦ ଟଙ୍କା ଲୁଟି ନେଇଥିଲେ। ଅନୁଗୋଳ ଅମଲାପଡ଼ାରେ ରହୁଥିବା ରାଜସ୍ଥାନର ବ୍ୟବସାୟୀ ମହେନ୍ଦ୍ର କୁମାର ମାର୍ଚ୍ଚ ୨୬ ତାରିଖରେ ସାଇବର ଠକେଇର ଶିକାର ହୋଇଥିଲେ। ଭାରତୀୟ ସେନାର ଅଧିକାରୀ ପରିଚୟ ଦେଇ ଠକ ଜଣଙ୍କ ତାଙ୍କଠାରୁ ସାମଗ୍ରୀ କିଣିବେ ବୋଲି କହି ଏକାଧିକ ପର୍ଯ୍ୟାୟରେ ୨ ଲକ୍ଷ ୨୧ ହଜାର ୧୯୦ ଟଙ୍କା ଆକାଉଣ୍ଟରୁ ଚଳୁ କରିଥିଲେ। ଏପ୍ରିଲ ୨ରେ କୁମଣ୍ଡର ବିଶ୍ୱମ୍ଭର ସାହୁ ୫୦ ହଜାର ଟଙ୍କା ହରାଇଥିଲେ। ସାଙ୍ଗ ପରିଚୟ ଦେଇ ଠକ ଜଣକ ଏହି ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଇ ନେଇଥିଲେ। ଏପ୍ରିଲ ୨୬ରେ ତୁରଙ୍ଗ ଅଞ୍ଚଳର ଜନକ କୁମାର ନାୟକଙ୍କୁ କୋରିଅର ସଂସ୍ଥାରୁ ଫୋନ କରିଥିବା କହି ସାଇବର ଲୁଟେରା ୧ ଲକ୍ଷ ୯ ଟଙ୍କା ଠକି ନେଇଥିଲେ। ସେହିପରି ଏପ୍ରିଲ ୨୭ରେ ମୋବାଇଲ ସିମ୍ ୫-ଜି କରିବାକୁ କହି ବ୍ୟାଙ୍କ ମ୍ୟାନେଜର ମାନସ ରଞ୍ଜନ ଖୁଣ୍ଟିଆଙ୍କ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା ଚଳୁ କରାଯାଇଥିଲା। ଚଳିତମାସ ୪ ତାରିଖରେ ସାଇବର ଠକଙ୍କ ହାବୁଡ଼ରେ ପଡ଼ି ଅନୁଗୋଳ ଶିକ୍ଷକପଡ଼ା ଅଞ୍ଚଳର ଜଣେ ଯୁବତୀ ୩୨ ହଜାର ୯୯୯ ଟଙ୍କା ହରାଇଥିଲେ। କ୍ରେଡିଟ୍ କାର୍ଡ ଅପଡେଟ୍ ବାହାନାରେ ସାଇବର ଲୁଟେରା ତାଙ୍କ ଆକାଉଣ୍ଟରୁ ଏହି ଅର୍ଥ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଦିନକୁ ଦିନ ସାଇବର ଅପରାଧ ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ନୂଆ ନିୟମ କରାଯାଇଛି। ୨ ଲକ୍ଷରୁ କମ୍ ଅର୍ଥ ହରାଇଥିବା ଆକାଉଣ୍ଟଧାରୀମାନେ ଏଣିକି ଲୋକାଲ ଥାନାରେ ଅଭିଯୋଗ କରିପାରିବେ। ସେହିପରି ୨ ଲକ୍ଷରୁ ଅଧିକ ଟଙ୍କା ଆକାଉଣ୍ଟରୁ ଲୁଟ ହୋଇଥିଲେ ସାଇବର ଥାନାରେ ଅଭିଯୋଗ କରାଯିବ।

### ଅଧିକ ସଚେତନତା ଲୋଡ଼ା



ସାଧାରଣ ଚୋରି ଠାରୁ ସାଇବର ଚୋରି ଏବେ ଅଧିକ ହେଉଛି। ଏ ନେଇ ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ଲୋକଙ୍କ ନିକଟରେ ଯେତେ ଅଧିକ ସୂଚନା ପହଞ୍ଚିବ, ସେମାନେ ସେତେ ସଚେତନ ହୋଇପାରିବେ।

-ଭୂପେଶ ଚନ୍ଦ୍ର ପ୍ରଧାନ, ବୁଦ୍ଧିଜୀବୀ

### ସାଇବର ଏକ୍ସପର୍ଟଙ୍କୁ ନିୟୋଜିତ କରାଯାଉ



ବଡ଼ କମ୍ପାନୀଗୁଡ଼ିକ ଯେପରି ସାଇବର ସିକ୍ୟୁରିଟିକୁ ପ୍ରାଧାନ୍ୟ ଦେଉଛନ୍ତି, ଠିକ୍ ସେହିପରି ସରକାର ସାଇବର ଏକ୍ସପର୍ଟଙ୍କୁ ନିୟୋଜିତ କଲେ ସାଇବର ଲୁଟେରାମାନେ ପଠାଉଥିବା ଲିଙ୍କ୍ ଲୋକଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାହାକୁ ରୋକାଯାଇ ପାରିବ।

-ଦିବ୍ୟଜିତ୍ ଦାସ, ଡାଟା ଆନାଲିଶିଷ୍ଟ

### ଜାଣି ନ ପାରି ଓଟିପି ଦେଉଛନ୍ତି



ସାଇବର ଠକଙ୍କ ଚାଲାକି ବୁଝି ନ ପାରି ଆକାଉଣ୍ଟଧାରୀମାନେ ଅନେକ ସମୟରେ ପ୍ରଲୋଭିତ ହୋଇ ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରୁଛନ୍ତି। ଏଥିସହ ମୋବାଇଲକୁ ଆସୁଥିବା ଓଟିପି ମଧ୍ୟ ଦେଇଦେଉଛନ୍ତି। ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉ।

-ସକିନ ପ୍ରିୟଦର୍ଶିନୀ ଜେନା, ଅନୁଗୋଳ

### ବିଳମ୍ବରେ ଅଭିଯୋଗ ଆସୁଛି

ବିଭିନ୍ନ ସ୍ଥାନରେ ସାଇବର ଥାନା ଖୋଲାଯାଇଛି। କିନ୍ତୁ ଲୋକମାନେ ଠିକ୍ ସମୟରେ ଠକେଇ ନେଇ ଥାନାକୁ ଅବଗତ କରୁନାହାନ୍ତି। ବିଳମ୍ବରେ ପୋଲିସକୁ ଅଭିଯୋଗ ମିଳୁଥିବାରୁ ଠକଙ୍କ ନିକଟରୁ ଟଙ୍କା ଫେରାଇ ଆଣିବା ସମ୍ଭବ ହେଉନାହିଁ।

-ରମାକାନ୍ତ ମାହାଲିକ, ଅନୁଗୋଳ ଏସ୍‌ଡିପିଓ

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

**ଛେଣ୍ଡିପଦା,୬।୫,(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ଶନିବାର ପରଙ୍ଗ ଗ୍ରାମ ରାଜସ୍ୱ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲର ବନଦୁର୍ଗା ପୀଠ ନିକଟସ୍ଥ ଏକ ଗଛରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଜବତ କରିଛି। ମୃତ ଯୁବକ ହେଲେ ରେଙ୍ଗାଳି ଥାନା ଦେନାଳୀ ଗ୍ରାମର ସିଦ୍ଧେଶ୍ୱର ପ୍ରଧାନ। ସିଦ୍ଧେଶ୍ୱର ନିଶାସ୍ଥିତ ଏକ କମ୍ପାନୀରେ କାର୍ଯ୍ୟରତ ଏକ ଘରୋଇ ସଂସ୍ଥାରେ ଫିଟର ଥିଲେ। ଆସନ୍ତା ୧୬ ତାରିଖରେ ତାଙ୍କର ବିବାହ ହେବାର ଥିବାରୁ ଘର ଲୋକେ ପ୍ରସ୍ତୁତିରେ ଲାଗିଥିଲେ। କିନ୍ତୁ ୩ଦିନ ହେଲା ତାଙ୍କ ମୋବାଇଲ ଲାଗୁ ନ ଥିଲା। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ସିଦ୍ଧେଶ୍ୱରଙ୍କ ମୃତଦେହ ଗଛରେ ଝୁଲିଥିବା ଖବରପାଇ ପରିବାର ଲୋକେ ପହଞ୍ଚି ଚିହ୍ନଟ କରିବା ପରେ ପୋଲିସ ତାହାକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ସିଦ୍ଧେଶ୍ୱରଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।

### ଅବସରପ୍ରାପ୍ତ ଓଏସ୍ଏପି କର୍ମଚାରୀଙ୍କ ପରଲୋକ



**ଅନୁଗୋଳ ଅଫିସ, ୬।୫:** ଅନୁଗୋଳ ଜିଲା ବଣରପାଳ ବ୍ଲକ ବଳରାମପ୍ରସାଦ ନିବାସୀ ପୂର୍ବତନ ଓଏସ୍ଏପି କର୍ମଚାରୀ ଦୁଃଶାସନ ମହାପାତ୍ରଙ୍କ ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଦିଲୀପ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳିଯାଇଛି।

## ଚୋରି ଅଭିଯୋଗରେ ୩ ଗିରଫ

**ଅନୁଗୋଳ ଅଫିସ, ୬।୫**

ଅନୁଗୋଳ ଜିଲା ତାଳଚେର ଥାନା ଗୋଡ଼ିବନ୍ଧ ଛକରେ ଟ୍ରକ ଚାଳକଙ୍କ ଠାରୁ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନାଖଣି ଅଞ୍ଚଳର ଅନିଲ ନାଏକ(୨୧), ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ମୁକୁନ୍ଦ କାରିଗର(୧୮) ଓ ସୁନାଖଣି ଅଞ୍ଚଳର ଜଣେ ନାବାଳକ ବୋଲି ସୂଚନା ମିଳିଛି। ପୋଲିସ କହିଛି, ମହାରାଷ୍ଟ୍ର କୋଲାପୁର ଅଞ୍ଚଳର ଟ୍ରକ୍ ଡ୍ରାଇଭର କୁଲଦୀପ ରାଙ୍ଗାରାଓ ସିନ୍ଧେ ତାଙ୍କ ଟ୍ରକ୍ (ନଂ. ଏମ୍ଏଚ୍ ୦୮ଏପି-୪୯୯୨)ରେ ରାଉରକେଲାରୁ ଅନୁଗୋଳ ଅଭିମୁଖେ ମାଲ ନେଇ ଆସୁଥିଲେ। ତେବେ ଗୋଡ଼ିବନ୍ଧ ଛକରେ ତାଙ୍କ ଟ୍ରକ୍ ଚକ ଲିକ୍ ହୋଇଯିବାରୁ ସେ ଗାଡ଼ିର ଚକ ବଦଳାଉଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଗାଡ଼ିରେ ଆସି ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଏକ ଚୋଟ ମଧ୍ୟ ମାରିଥିଲେ। ଏହାପରେ ମୋବାଇଲ ଫୋନ୍ ଛଡ଼ାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଜଣେ ନାବାଳକଙ୍କ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

## ମହାମନ୍ତ୍ରରେ କମ୍ପିଲା ମାଳିପଦର

**ଆଠମଲ୍ଲିକ, ୬।୫ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ ମାଳିପଦର ଗ୍ରାମରେ ଶନିବାର ୫୩ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାମାନଙ୍କ ଦ୍ୱାରା ବିଶାଳ କଳସ ଯାତ୍ରା ପରେ ପୂଜା ଓ ନାମଯଜ୍ଞ ଆରମ୍ଭ ହୋଇଥିଲା। ୧୬ଟି ସଂକୀର୍ତ୍ତନ ଦଳ ଭାଗ ନେଇ ହରିନାମ ପରିବେଷଣ କରିଥିଲେ। ଦିନ ତମାମ ମହାମନ୍ତ୍ର ଜପ ଯୋଗୁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମାଳିପଦର ଅଷ୍ଟପ୍ରହରୀ ନାମଯଜ୍ଞ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ବରିଷ୍ଠ ସଭ୍ୟ ପ୍ରମୋଦ ବେହେରାମାଳୀ, ଦେବେନ୍ଦ୍ର ବଡ଼ମାଳୀ, ପାଣ୍ଡ ବଡ଼ମାଳୀ, ଭିକାରି ଚରଣ ପଣ୍ଡା, ପ୍ରଦୀପ ଖମାରୀ, ଉପଦେଷ୍ଟା ବିରଞ୍ଚି ବଡ଼ମାଳୀ, ମୁଚି ବେହେରାମାଳୀ, ବରୁଣ ବେହେରାମାଳୀଙ୍କ ସମେତ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯଜ୍ଞ ମଣ୍ଡପରେ କର୍ତ୍ତା ଭାବେ ଦ୍ରୋଣ ବଡ଼ମାଳୀ, ନାମଯଜ୍ଞ ମଣ୍ଡପ କର୍ତ୍ତା ଭାବେ ପଦ୍ମଲୋଚନ ବେହେରାମାଳୀ ଦାୟିତ୍ୱ ତୁଲାଇଥିଲେ। କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



## ଆକର୍ଷଣ ସାଜିଲା ସାଂସ୍କୃତିକ କାର୍ଯ୍ୟକ୍ରମ



**ଖମାର, ୬।୫ (ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଠାରେ ୧୧ ତମ ଚନ୍ଦନ ଯାତ୍ରା ମହୋତ୍ସବ ତଥା ଯୁବକ ସଂଘର ୪୦ତମ ବାର୍ଷିକ ଉତ୍ସବ ପାଳିତ ହେଉଛି। ଗତ ୪ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଶନିବାର ମହୋତ୍ସବର ୨ୟ ସନ୍ଧ୍ୟାରେ ଭାଜପାର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ତେବେ ଆକର୍ଷଣ ସାଜିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏହାକୁ ଉପଭୋଗ କରିବା ନିମନ୍ତେ ପ୍ରବଳ ଜନଗହଳି ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ, ଆଠମଲ୍ଲିକର ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଓ ଅଗସ୍ତି ବେହେରା, ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ପ୍ରଧାନ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକାଗ୍ରତା ଡ୍ୟାନ୍ସ ଗ୍ରୁପ ଖୋର୍ଦ୍ଧା ଏବଂ ମା ସମଲେଶ୍ୱରୀ ଡ୍ୟାନ୍ସ ଗ୍ରୁପ୍ ଗଞ୍ଜାମର କଳାକାରମାନେ ନୃତ୍ୟ ପରିବେଷଣ କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଉକ୍ତ ସଭାରେ ଚନ୍ଦନ ଯାତ୍ରା ସଭାପତି ସନ୍ତୋଷ ବିଶାଳ, ଗ୍ରାମ୍ୟ କମିଟି ସଭାପତି ମୁକେଶ ପ୍ରଧାନ, ସମ୍ପାଦକ ପ୍ରଣୟ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ, ଜଗବନ୍ଧୁ ସାହୁ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହିଥିଲେ। ଆଞ୍ଚଳିକ ଜଗନ୍ନାଥ ମନ୍ଦିର ପରିଷଦ ସମ୍ପାଦକ କୈଳାଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉ

**ବଇଣ୍ଡା,୬।୫(ଡି.ଏନ.ଏ.)**

ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଉପରେ ଅଭିଭାବକମାନେ ଅଧିକ ଯତ୍ନବାନ ହେବା ଦରକାର। ସେମାନେ କିଭଳି ଠିକ୍ ଭାବେ ମନ ଦେଇ ପଢିବେ ସେଥିପାଇଁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ଠିକ୍ ରହିଲେ ସେମାନଙ୍କ ବିକାଶ ହୋଇପାରିବ ବୋଲି ଶନିବାର କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଥିବା ସ୍କୁଲ ସ୍ୱାସ୍ଥ୍ୟ ତାଲିମ ଶିବିର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶ୍ନ କୁମାର ରାଉଳ ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କିଶୋରଗଞ୍ଜ ଓ ଖଣ୍ଡବର କ୍ଲଷ୍ଟରର ୧୫ଟି ବିଦ୍ୟାଳୟର ୩୦ ଜଣ ଶିକ୍ଷକ ତାଲିମରେ ଭାଗ ନେଇଥିଲେ। ଏଥିରେ ମେଡିକାଲର ସୁପରଭାଇଜର ନାରାୟଣ ଦେହୁରୀ ଓ ଶିକ୍ଷୟିତ୍ରୀ ପ୍ରଣତି ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ୧୦ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ କିଭଳି ନିଜ ସ୍ୱାସ୍ଥ୍ୟ ଫିଟ୍ ରଖିବା ସହ ଭଲ ପାଠ ପଢିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶନିବାର ଏହି ଶିବିର ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଇଣ୍ଡା ମେଡିକାଲ ଆୟୁଷ ଡାକ୍ତର ସରୋଜ ନନ୍ଦ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।



ସ୍କୁଲ ସ୍ୱାସ୍ଥ୍ୟ ତାଲିମ ଶିବିର କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

## ବୁଦ୍ଧଙ୍କ ବାଣୀ ମୂଲ୍ୟବୋଧର ବିକାଶ କରେ

### ଆମ ଗାଁ ବିଚାର ମଞ୍ଚ ପକ୍ଷରୁ ବୁଦ୍ଧ ଜୟନ୍ତୀ

**ବଇଣ୍ଡା,୬।୫(ଡି.ଏନ.ଏ.)**

ବୁଦ୍ଧଙ୍କ ବାଣୀ ସମଗ୍ର ବିଶ୍ୱ ଚେତନାକୁ ପ୍ରତିଫଳିତ କରୁଛି। ଏଥିସହିତ ମାନବୀୟ ମୂଲ୍ୟବୋଧର ବିକାଶ ହେଉଛି ବୋଲି ଶୁକ୍ରବାର ଅନୁଗୋଳ ଜିଲା କିଶୋରନଗର ବ୍ଲକ ହିମିତିରା ଉଚ୍ଚ ବିଦ୍ୟାଳୟ ପରିସରରେ କଳ୍ପତରୁ ଓ ଆମ ଗାଁ ବିଚାର ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୁଦ୍ଧ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଅଧ୍ୟାପକ ତରଣୀ ସେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ନନ୍ଦକିଶୋର ମହାକୁଡ଼ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସର୍ବେଶ୍ୱର ସାହୁ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ସଂଗ୍ରାମ କେଶରୀ ପୃଷ୍ଟି, ଶିବାଶିଷ ରାୟ ଯୋଗଦେଇ ବୁଦ୍ଧଙ୍କ ଜୀବନୀ ଓ ବାଣୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କଳ୍ପତରୁର ସଭାପତି ସୁଧୀରଞ୍ଜନ ପ୍ରଧାନ ଉତ୍ସବର ଆଭିମୁଖୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପ୍ରଣବ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବୁଦ୍ଧଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ: ଜିଲା ପ୍ରଶାସନ ଚାମ୍ପିୟନ

**ଅନୁଗୋଳ ଅଫିସ,୬।୫**

ଅନୁଗୋଳ ସହରସ୍ଥିତ କଦମ ପଡିଆଠାରେ ଶନିବାର ଜିଲା ପ୍ରଶାସନ ଓ ଟାଟା ଷ୍ଟିଲ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ପ୍ରଶାସନ ଏକାଦଶ ବ୍ୟାଟିଂ କରି ୧୩୮ ରନ ସଂଗ୍ରହ କରିଥିଲା। ଜବାବରେ ସିଭିଲ ସୋସାଇଟି ୬୬ ରନ କରି ପରାସ୍ତ ହୋଇଥିଲା। ସେହିପରି ଅପରାହ୍ନରେ ଟାଟା ଷ୍ଟିଲର କ୍ୟାପଟେନ ଶକ୍ତିଶ୍ରୀ ଦାସ ଏବଂ ମେ ୧୧ର କ୍ୟାପଟେନ ସମରେଶ ନାଥଙ୍କ ଦଳ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ମେ ୧୧ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮୫ରନ ସଂଗ୍ରହ କରିଥିଲା। ଜବାବରେ ଟାଟା ଷ୍ଟିଲ ୧୦ ଓଭରରୁ ୮୬ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା। ଅମ୍ପାୟାର ଭାବେ ଅରୁଣ ପୁଷ୍ପାଳକ, ଭବ ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିଲେ। ଉପଜିଲାପାଳ ବୈଦୁରା ଦୀପ ଏବଂ ଟାଟା ଷ୍ଟିଲର ଉପ ସଭାପତି ଅପରେସନ ଏନ୍ଏମବି ଏବଂ ଗ୍ରାଫିନ ସୁବୋଧ ପାଣ୍ଡେ ଓ ଉପସଭାପତି କର୍ପୋରେଟ ସର୍ଭିସେସ ଚାଣକ୍ୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ କେନ୍ଦ୍ରୀୟ ଉତ୍ତରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ କିଛି ସମୟ ପାଇଁ କ୍ରିକେଟ ଖେଳି ସମସ୍ତଙ୍କୁ ଅମୋଦିତ କରିଥିଲେ। ଫାଇନାଲ ମ୍ୟାଚରେ ପ୍ରଥମେ ଟସ ଜିତି ପ୍ରଶାସନ ଏକାଦଶ ୧୦ ଓଭର ୧୦ ଉଇକେଟ ବିନିମୟରେ ୯୫ରନ ସଂଗ୍ରହ କରିଥିଲା। ଜବାବରେ ଟାଟା ଷ୍ଟିଲ ୪୭ ରନ୍‌ରେ ସମସ୍ତ ଉଇକେଟ ହରାଇ ରନର୍ସଅପ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଗଙ୍ଗାଧର ବିଶ୍ୱାଳ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଆଦିତ୍ୟ କୁମାର ବିବେଚିତ ହୋଇଥିଲେ। ଚାମ୍ପିୟନ ଜିଲା ପ୍ରଶାସନ ଓ ରନର୍ସ ଅପ ଟାଟା ଷ୍ଟିଲ ଦଳଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା।


ଚାମ୍ପିୟନ ଦଳକୁ ଜିଲାପାଳ ଟ୍ରଫି ପ୍ରଦାନ କରୁଛନ୍ତି।


ଟ୍ରଫି ସହ ରନର୍ସ ଅପ୍ ଦଳ।

